# Akashvani, Sambalpur

# SAMBALPURI NEWS MORNING BULLETIN

# 7 July 2026 - 6.47- 6.52 am.

---

ରାଜ୍ୟସ୍ତରୀୟ ବନମହୋତ୍ସବ୍        ଆଇ ଆଣ୍ଡ୍ ପି.ଆର୍

ଜଙ୍ଗଲ୍ ପରିବେଶ୍ ଆଉ ଜଲ୍‌ବାୟୁ ପରିବର୍ତ୍ତନ୍ ବିଭାଗ୍ ତରଫୁ ୭୭ ନମ୍ବର୍ ରାଜ୍ୟସ୍ତରୀୟ ବନମହୋତ୍ସବ୍ -୨୦୨୬ ସମାରୋହ ଆଏଜ୍ ହେବା । ଭୁବନେଶ୍ୱର୍ କପିଳେଶ୍ୱର୍ ଉଚ୍ଚବିଦ୍ୟାଳୟ ନ ହେବାର୍‌କେ ଥିବା ଇ ସମାରୋହଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ମୁଖ୍ୟଅତିଥି ଭାବେ ଯୋଗ୍ ଦେବେ । ତାଙ୍କର୍ ସହେତେ ବିଭାଗୀୟ ମନ୍ତ୍ରୀ ଗଣେଶ୍‌ରାମ୍ ସିଂ ଖୁଂଟିଆ, ସାଂସଦ୍ ଆଉ ବିଧାୟକ୍ ମାନେ ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ ।

ବନମହୋତ୍ସବ୍ ସପ୍ତାହ ପାଲନ୍ ଅବ୍‌ସରେ ମୁଖ୍ୟମନ୍ତ୍ରୀ ତାଙ୍କର୍ ବାର୍ତାଥି କହିଛନ୍, ପ୍ରକୃତି ଆଉ ମାନବ ସମାଜ୍ ଭିତ୍‌ରେ ସନ୍ତୁଳନ୍ ରଖିବାର୍‌ଥି ଜଙ୍ଗଲ୍‌ର ଭୂମିକା ବହୁତ୍ ଗୁରୁତ୍ୱପୂର୍ଣ୍ଣ । ଜଙ୍ଗଲ୍ ପରିବେଶ୍‌କେ ଶାଗୁଆ ଆଉ ସୁନ୍ଦର୍ କର୍‌ବାର୍ ସହେତେ ମାନବ୍

ଜୀବନ୍‌ଥି ଅସ୍ଥିତ୍ୱକେ ସୁରକ୍ଷିତ୍ କର୍‌ସି । ସଭେ ମିଶିକରି ଅଏତ୍‌କାନୁ ଅଏତ୍‌କା ଗଛ୍ ଲଗାମା ଆଉ ଗୁଟେ ଶାଗୁଆ, ସ୍ୱଚ୍ଛ ଆଉ ସୁସ୍ଥ ପରିବେଶ୍ ଗଠନ୍ କର୍‌ମା ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

କେନ୍ଦ୍ର ରେଲ୍‌ମନ୍ତ୍ରୀ ଆଇ ଆଣ୍ଡ୍ ପି.ଆର୍

ଉତର୍ ଓଡ଼ିଶା ଲାଗି ଗୁଟେ ନୂଆଁ ଟ୍ରେନ୍ ସେବା ଖୋବ୍ ଜଲ୍‌ଦି ମୁଲ୍ ହେବା ବଲି କେନ୍ଦ୍ର ରେଲ୍‌ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ ଘୋଷ୍‌ନା କରିଛନ୍ । ଉତର୍ ଓଡ଼ିଶାର୍ ରେଲ୍ ଯୋଗାଯୋଗ୍ କ୍ଷେତ୍ରଥି ସୁଧାର୍ ଆନ୍‌ବାର୍ ଲାଗି ମୁଖ୍ୟମନ୍ତ୍ରୀଙ୍କର୍ ଅନୁରୋଧ୍ ଉତ୍‌ରୁ ଇ ନିଷ୍ପତି ନିଆଯାଇଛେ । ପଶ୍ଚିମ-ଦକ୍ଷିଣ ଆଉ ଉପକୂଳ ଓଡ଼ିଶା ନ ଯେନ୍ତା ରେଲ୍‌ସେବା ବିସ୍ତାର୍ ହେଇଛେ । ଉତର୍ ଓଡ଼ିଶାର୍ ଆବଶ୍ୟକତାକେ ନଜର୍‌ଥି ରଖିକରି ଇ ଖାସ୍ ଟ୍ରେନ୍ ଚଲାଯିବା । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ନେତୃତ୍ୱଥି ଓଡ଼ିଶାର୍ ସବୁ ଇଲାକା ନ ରେଲ୍ ନେଟ୍‌ୱାର୍କକେ ବର୍‌କସ୍ କରିକରି ଆଂଚଲିକ୍ ବିକାଶ୍ ଆଉ ଯାତ୍ରୀସେବାକେ ସୁଗମ୍ କର୍‌ବାରଟା ସର୍‌କାର୍‌ଙ୍କର୍ ମୁଖ୍ୟ ଲକ୍ଷ୍ୟ ଆଏ ବଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ବୈଷ୍ଣବ୍ କହିଛନ୍ ।

ବର୍ଷା- ରାଜସ୍ୱ ମନ୍ତ୍ରୀ ଆଇ ଆଣ୍ଡ୍ ପି.ଆର୍

ରାଏଜେ ସମ୍ଭାବ୍ୟ ବନ୍ୟା ପରିସ୍ଥିତି ପୁରାପୁରି ନିୟନ୍ତ୍ରଣ୍‌ଥି ଅଛେ ବଲି ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଲନା ମନ୍ତ୍ରୀ ସୁରେଶ୍ ପୂଜାରୀ କହିଛନ୍ । ଭୁବ୍‌ନେଶ୍ୱର୍ ନ ସ୍ୱତନ୍ତ୍ର ରିଲିଫ୍ କମିଶନର୍‌ଙ୍କର୍ କାର୍ଯ୍ୟାଳୟ ନ ଗଲାକାଏଲ୍ ଗୁଟେ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ୍ କରିକରି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍, ମହାନଦୀ, ଦେବୀନଦୀ ସହେତେ ରାଜ୍ୟର୍ ଅଲ୍‌ଗା ନଦୀ ମାନ୍‌କେ ଜଲ୍‌ସ୍ତର୍ ବିପଦ୍‌ସ୍ତର୍‌ନୁ ତଲେ ରହିଛେ । ଭିନ୍ ଭିନ୍ ବିଭାଗ୍ ସହେତେ ଜିଲ୍ଲା ପ୍ରଶାସନ୍ ସାଙ୍ଗେ ତାଲ୍‌ମେଲ୍ ରଖିକରି କେନ୍‌ସି ଭିଲ୍ ପରିସ୍ଥିତିର୍ ମୁକାବିଲା କର୍‌ବାର୍ ଲାଗି ସର୍‌କାର୍ ପୁରାପୁରି ପ୍ରସ୍ତୁତ୍ ଅଛନ୍ ବଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ ।

ରଥଯାତ୍ରା-ସମୀକ୍ଷା ବୈଠକ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ପୁରୀ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀଙ୍କର୍ କାର୍ଯ୍ୟାଳୟ ନ ଗୁଟେ ଖାସ୍ ସମୀକ୍ଷା ବୈଠକ୍ ହେଇଯାଇଛେ । ବୈଠକ୍‌ଥି ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ଯୋଗ୍ ଦେଇକରି ରଥଯାତ୍ରା ବେଲ୍‌କେ ଲାଖ୍ ଲାଖ୍ ଭକ୍ତଙ୍କୁ ଉନ୍ନତ୍ ମାନର୍ ସ୍ୱାସ୍ଥ୍ୟସେବା ଯୁଗେଇ ଦେବାର୍ ଲାଗି କରାଯାଇଥିବା ପ୍ରସ୍ତୁତି, ବ୍ୟବସ୍ଥା ଆଉ ଜରୁରୀକାଲୀନ୍ ସେବା ବାବ୍‌ଦେ ଅଧିକାରୀମାନ୍‌କର୍ ସାଙ୍ଗେ ବିସ୍ତୃତ୍ ଆଲୋଚନା କରିଛନ୍ । ରାଜ୍ୟର୍ ଭିନ୍ ଭିନ୍ ଜାଗା ନୁ ଅତିରିକ୍ତ ବିଶେଷଜ୍ଞ ଡାକ୍ତର୍, ନର୍ସିଂ ଷ୍ଟାଫ୍ ଆଉ ଫାର୍ମାସିଷ୍ଟମାନ୍‌କୁ ରଥଯାତ୍ରା ଦାୟିତ୍ୱ ସହେତେ ଜିଲ୍ଲାର୍ ଭିନ୍ ଭିନ୍ ଜାଗା ନ  ୪୬ ଟା ଅଏତ୍‌କା ଆମ୍ବୁଲେନ୍ସ, ଲଗାଯିବା । ଭକ୍ତମାନ୍‌କର୍ ସୁରକ୍ଷା ଆଉ ସ୍ୱାସ୍ଥ୍ୟସେବା ସର୍‌କାର୍‌ଙ୍କର୍ ସବୁନୁ ପହେଲା ପ୍ରାଥମିକତା ଆଏ ବଲି ଇ ଅବ୍‌ସରେ ମନ୍ତ୍ରୀ ଡକ୍ଟର୍ ମହାଲିଙ୍ଗ୍ କହିଛନ୍ ।

ବେସର୍‌କାରୀ ବିଦ୍ୟାଳୟ-ମାହାଲିଆ ପ୍ରବେଶ/ଆଇ ଆଣ୍ଡ୍ ପି.ଆର୍

ଶିକ୍ଷା ଅଧିକାର୍ ଆଇନ୍ ୨୦୦୯ ଧାରା ୧୨ (୧) (ଗ) ଅନ୍‌ସାରେ ଆର୍ଥିକ୍ ହିସାବେ ଦୁର୍ବଲ୍ ଶ୍ରେଣୀର୍ ଛୁଆମାନ୍‌କୁ ବେସର୍‌କାରୀ ବିଦ୍ୟାଲୟମାନ୍‌କେ ମାହାଲିଆ ପ୍ରବେଶ୍ ଦେବାର୍ ଲାଗି ୩ ନମ୍ବର୍ ଖେପ୍‌ର ଲଟ୍‌ରୀ ଗଲାକାଏଲ୍ ପ୍ରାଥମିକ୍ ଶିକ୍ଷା ନିର୍ଦ୍ଦେଶାଳୟଙ୍କର୍ କାର୍ଯ୍ୟାଳୟ ନ ହେଇଯାଇଛେ । ମେ ୨ ନୁ ଜୁଲାଇ ୧ ତାରିଖ୍‌ତକ୍  ଆରଟିଇ ପାରଦର୍ଶୀ ପୋର୍ଟାଲ୍‌ଥି ମୋଟ୍ ୩ ହଜାର୍ ୯ ଶହ ୩୭ ଟା ଆବେଦନ୍ ଆସିଥିଲା । ଯେନ୍‌ଥିରୁ ୩ ହଜାର୍ ଶହେ ୪୯ ଟାକେ ବ୍ଲକ୍ ଶିକ୍ଷା ଅଧିକାରୀମାନେ ଯାଂଚ୍ ଉତ୍‌ରୁ ଯୋଗ୍ୟ ବଲି ବାଛିଥିଲେ । ଲଟ୍‌ରି ଜରିଏ ୨ ଶହ ୪୬ ଝନ୍ ଛାତ୍ରଛାତ୍ରୀଙ୍କୁ ବଛାଯାଇଛେ । ବଛାହେଇଥିବା ଛୁଆମାନେ ଆଏଜ୍‌ଠାନୁ ୧୫ ତାରିଖ୍ ଭିତ୍‌ରେ ସମ୍ପୃକ୍ତ ବେସର୍‌କାରୀ ବିଦ୍ୟାଲୟ ନ ମାହାଲିଆ ନାଁ ଲେଖେଇପାର୍‌ବେ ।

ମେଟ୍ରିକ୍ ପରୀକ୍ଷାର ମୂଲ୍ୟାୟନ ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶା ମାଧମିକ ଶିକ୍ଷା ପରିଷଦ୍ ତର୍‌ଫୁ ହେବାର୍‌କେ ଥିବା ଇଥରର୍ ମେଟ୍ରିକ୍ ପରୀକ୍ଷାର ମୂଲ୍ୟାୟନ୍ ଡିଜିଟାଲ୍ ମୋଡ୍‌ଥି ଆଉ

ଅନ୍‌ସ୍କ୍ରିନ୍ ଭେଲୁଏସନ୍ ଜରିଏ ହେବା ବଲି ବୋର୍ଡ୍ ତର୍‌ଫୁ ଯୋଜ୍‌ନା କରାଯାଇଛେ । ପରୀକ୍ଷାମୂଲକ୍ ଭାବେ ଇଥରର୍ ସପ୍ଲିମେଂଟାରୀ ପରୀକ୍ଷା ସହେତେ ଓଡ଼ିଶା ରାଜ୍ୟ ମୁକ୍ତ ବିଦ୍ୟାଳୟ, ସାର୍ଟିଫିକେଟ୍ ପରୀକ୍ଷାର୍ ଉତର୍‌ଖାତାମାନ୍‌କର୍ ଡିଜିଟାଲ୍ ମୂଲ୍ୟାୟନ୍ କରାଯିବା । ଇଥିର୍‌ଲାଗି ବୋର୍ଡ୍ ତର୍‌ଫୁ ପ୍ରସ୍ତୁତି ମୁଲ୍ ହେଇଛେ । ସମ୍ବଲ୍‌ପୁର୍, ଭୁବ୍‌ନେଶ୍ୱର୍ ଆଉ କଟକ୍, ୩ ଟା ଜାଗା ନ ଡିଜିଟାଲ୍ ମୂଲ୍ୟାୟନ୍ ହେବା ବଲି ବୋର୍ଡ୍ ତର୍‌ଫୁ ସ୍ଥିର୍ କରାଯାଇଛେ । ଆଏବା ୧୯ ତାରିଖ୍‌ନୁ ମୂଲ୍ୟାୟନ୍ ପ୍ରକ୍ରିୟା ମୂଲ୍ ହେବା । ଇଥିର୍‌ଲାଗି ମୂଲ୍ୟାନ୍‌କାରୀମାନ୍‌କୁ ବୋର୍ଡ୍ ତର୍‌ଫୁ ୨ ଦିନିଆ ତାଲିମ୍ ଦିଆଯିବା ବଲି ସୂଚ୍‌ନା ମିଲିଛେ ।

ଶିଶୁବାଟିକା- ଶିକ୍ଷକ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଗଲା ଶିକ୍ଷା ବଛର୍‌ନୁ ଶିଶୁବାଟିକା ମୂଲ୍ ହେଇଛେ । ଇଥି ଛୁଆମାନ୍‌କୁ ପାଠ୍‌ପଢ଼ାବାର୍ ଲାଗି ୭ ହଜାର୍ ୨ ଶହ ୩୪ ଝନ୍ ଶିକ୍ଷକ୍‌ଙ୍କୁ ନିଯୁକ୍ତି ଦିଆଯିବା । ଇଥିର୍‌ଲାଗି ଅର୍ଥ ବିଭାଗ୍ ତର୍‌ଫୁ ଅନୁମୋଦନ୍ ମିଲିସାରିଛେ । ରାଜ୍ୟର୍ ୪୫ ହଜାର୍ ବିଦ୍ୟାଳୟ ନ

ମୂଲ୍ ହେଇଥିବା ଇ ଶିଶୁବାଟିକା ଶ୍ରେଣୀଥି ଛୁଆମାନ୍‌କର୍ ଯତନ୍ ନେବାର୍ ଲାଗି ଶିଶୁସେବିକା ମାନ୍‌କୁ ଆଘୋନୁ ସର୍‌କାର୍ ନିଯୁକ୍ତି ଦେଇଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଲଘୁଚାପ୍‌ର ବଳେ ହେଉଥିବା ବର୍ଷା ଆଉ ୨ ଦିନ୍‌ତକ୍ ଜାରି ରହେବା । ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଆଏଜ୍ ସମ୍ବଲ୍‌ପୁର, ସୁନ୍ଦର୍‌ଗଡ୍, ଝାର୍‌ସୁଗୁଡ଼ା, ବର୍‌ଗଡ୍, ଦେବ୍‌ଗଡ୍, ସୁବର୍ଣ୍ଣପୁର୍, ନୂଆପଡ଼ା ଆଉ ବଲାଙ୍ଗିର୍ ଜିଲ୍ଲା ନ ଅତି ଜବର୍ ବର୍ଷା ହେବାର୍ ସମ୍ଭାବନା ରହିଛେ ।
ଉପର୍‌ମୁଡ଼େ ଜବର୍ ବର୍ଷା ହେବାର୍‌ନୁ ହୀରାକୁଦ୍ ଜଲ୍‌ଭଣ୍ଡାର୍‌ର ଜଲ୍‌ସ୍ତର୍ ବଢ଼୍‌ବାର୍‌କେ ଲାଗିଛେ । ଇତାକେ ନଜର୍‌ଥି ରଖିକରି ହୀରାକୁଦ୍ ଜଲ୍‌ଭଣ୍ଡାର୍ କର୍ତୃପକ୍ଷଙ୍କର୍ ତର୍‌ଫୁ ଆଏବା ଗୁରୁବାର୍ ଇ ବଛ୍‌ରର୍ ପହେଲା ବଏଢ଼୍ ପାଏନ୍ ଛଡ଼ାଯିବାର୍‌କେ ନିଷ୍ପତି ନିଆଯାଇଛେ । ଇଥିର୍‌ଲାଗି ୧୨ ଟା ଜିଲ୍ଲାର୍ ଜିଲ୍ଲାପାଲ୍‌ମାନ୍‌କୁ

ଡେମ୍ କର୍ତୃପକ୍ଷଙ୍କର୍ ତର୍ଫୁ ସତର୍କ ସୂଚ୍ନା ଜାରି କରାଯାଇଛେ । ଗଲାକାଏଲ୍ ରାତିର୍ ୯ ବଜେତକ୍ ଜଲ୍ଭଣ୍ଡାର୍ର ଜଲ୍ସ୍ତର୍ ୬ ଶହ ୪ ଦଶ୍ମିକ୍ ୪/ ୧ ଫୁଟ୍ଥି ରହିଥିଲା ।